# କେନ୍ଦ୍ର ସାହିତ୍ୟ ଏକାଡେମୀର ଲଳିତ ନିବନ୍ଧ ସାହିତ୍ୟ ସମ୍ମାନ



ଟିଟିଲାଗଡ଼,୨୦।୧୧(ଆପ୍ର): ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସ୍ଥାନୀୟ ସାହିତ୍ୟ ସଂସ୍କୃତିର ମିଳିତ ଆନୁକୂଲ୍ୟରେ ଲଳିତ ନିବନ୍ଧ ସାହିତ୍ୟ ସମ୍ମାନ ହୋଇଛି। ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଫେସର ଶ୍ୟାମ ଭୋଇ ସଭାପତିତ୍ୱ କରିଥିଲେ। ସମ୍ମାନରେ କେନ୍ଦୁଝରର ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ବାବ୍ରୁବାହନ ମହାପାତ୍ର, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉପାଧ୍ୟକ୍ଷ ପ୍ରଫେସର ଡ. କାମଦେବ ସାହୁ ଓ ସ୍ଥାନୀୟ ଡିଏଭି କଲେଜର ପ୍ରାକ୍ତନ ପ୍ରଫେସର ଡ. ଗୋବର୍ଦ୍ଧନ ସାହୁ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଲଳିତ ନିବନ୍ଧ ବିଷୟ ବିଶେଷଜ୍ଞ ବୃନ୍ଦ ପ୍ରବନ୍ଧ ଉପସ୍ଥାପନ ପରେ ଆଲୋଚନା କରିଥିଲେ। ସାହିତ୍ୟ ସଂସ୍କୃତି ସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଡ. ଯୁଗଳ କିଶୋର ଷଡ଼ଙ୍ଗୀ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପଦେଷ୍ଟା ରାଜୀବ ଲୋଚନ ପାଢୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଡ. ଗୋବର୍ଦ୍ଧନ ସାହୁଙ୍କ ଲିଖିତ ଇଂରାଜୀ ପୁସ୍ତକ ଷ୍ଟୋରୀ ଅନକନେଫସଡ, ସେବକ ଚରଣ ଦାସଙ୍କ ଯଥା ସର୍ବସ୍ୱ ଓ ଛାୟାକାନ୍ତ ଷଡଙ୍ଗୀଙ୍କ ସାହିତ୍ୟ ବିମର୍ଷ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ ଦେଇଥିଲେ। ଜଗନ୍ନାଥ ପଣ୍ଡା, ବନମାଳି ଦାଶ, ରାଜମଣି ସାହୁ, କିଶୋର ମହାପାତ୍ର, ଅଖିଳ ପଣ୍ଡା, ଘନଶ୍ୟାମ ଅଗ୍ରୱାଲ, ଡା. ଘନଶ୍ୟାମ ଜୈନ, ଶ୍ୟାମ ପ୍ରସାଦ ମହାପାତ୍ର, ହିମାଂଶୁ ଦାଶ, ଉମେଶଚନ୍ଦ୍ର ଦାଶ, ଯୁଧିଷ୍ଠିର ବାରିକ, ମଧୁବନ ଛତରିଆ, ପ୍ରମୋଦ ପାଳ ପ୍ରମୁଖ ସହଯୋଗ କରିଥିଲେ।